# ଅନୁଗୋଳରୁ ଆଜି 5 ଜଣ କରୋନା ପଜିଟିଭ୍ ଚିହ୍ନଟ

ପଜିଟିଭ୍ ସଂଖ୍ୟା ପହଞ୍ଚିଲା 111ରେ

ଅନୁଗୋଳ ଜିଲ୍ଲା ଅନ୍ତର୍ଗତ କିଶୋରନଗର ବ୍ଲକରୁ ଆଜି ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏହି 45 ବର୍ଷିୟ ପୁରୁଷ ଜଣଙ୍କ ଆଚାର୍ଯ୍ୟ ହରିହର କ୍ୟାନସର୍ ହସ୍ପିଟାଲରେ ତାଙ୍କ ବାପାଙ୍କ ଚିକିତ୍ସା ନିମନ୍ତେ ରହିଥିବା ବେଳେ ତାଙ୍କର ସ୍ୱାବ ନମୁନା ପଜିଟିଭ୍ ଜଣାପଡ଼ିଥିଲା । ଅନୁଗୋଳ ବ୍ଲକ ଅଞ୍ଚଳର ଜଣେ 27 ବର୍ଷିୟ ଅହମ୍ମଦାବାଦ ଫେରନ୍ତା ଯୁବକ ଏକ ଅସ୍ଥାୟୀ ସ୍ୱାସ୍ଥ କେନ୍ଦ୍ରରେ ସଙ୍ଗରୋଧରେ ଥିବା ବେଳେ ତାଙ୍କର ନମୁନା ପଜିଟିଭ୍ ଜଣାପଡ଼ିଛି । ସେହିପରି ଅନ୍ୟ 3 ଜଣ ହାଇଦ୍ରାବାଦ ଓ ପଶ୍ଚିମ ବଙ୍ଗରୁ ଫେରି ତାଳଚେର ବ୍ଲକ ଅଞ୍ଚଳରେ ହୋମ୍ କ୍ୱାରାଣ୍ଟାଇନରେ ଥିଲେ । ସେମାନଙ୍କ ମଧ୍ୟରେ ଦୁଇ ଜଣ ପୁରୁଷ ଯାହାଙ୍କର ବୟସ ଯଥାକ୍ରମେ 32 ଓ 44 ଥିବା ସ୍ଥଳେ ଜଣେ ମହିଳା ଆକ୍ରାନ୍ତଙ୍କ ବୟସ 45 ବର୍ଷ ବୋଲି ଜଣାପଡ଼ିଛି । ସେମାନଙ୍କର ନମୂନା ଆଜି ପଜିଟିଭ୍ ଜଣାପଡ଼ିବା ପରେ ସେମାନଙ୍କୁ ତାଳଚେର କୋଭିଡ଼ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି ବୋଲି ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ସୁଚନା ଦେଇଛନ୍ତି । ଏହି 5 ଜଣଙ୍କୁ ମିଶାଇ ଜିଲ୍ଲାରେ ପଜିଟିଭ୍ ସଂଖ୍ୟା 111ରେ ପହଞ୍ଚିଛି । ଏହା ଛଡ଼ା ଆଜି ମଧ୍ୟ 3 ଜଣ ସୁସ୍ଥ ହୋଇ କୋଭିଡ୍ ହସ୍ପିଟାଲରୁ ସ୍ଥାନାନ୍ତର ହୋଇଛନ୍ତି । ପୂର୍ବରୁ 60 ସୁସ୍ଥଙ୍କୁ ମିଶାଇ ସମୁଦାୟ ସୁସ୍ଥଙ୍କ ସଂଖ୍ୟା 63ରେ ପହଞ୍ଚିଛି ।

5/7/20

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ

ଅନୁଗୋଳ